بسم الله الرحمن الرحيم

**୨୭ ଜୁଲାଇ ୨୦୧୮ ଖୁତବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ବୟତୁଲ୍ ଫୁତୁହ୍, ଲଣ୍ଡନ**

ଉଚ୍ଚ ଆସନରେ ଅଧିଷ୍ଠିତ ହଜରତ ମହମ୍ମଦ ସ.ଆଙ୍କ ସାହାବା ହଜରତ ମୁନଜିର ବିନ୍ ମହମ୍ମଦ ଅନସାରୀ ଓ ହଜରତ ହାତିବ ବିନ୍ ଅବି ବଲତା ରିଜୱାନୁଲ୍ଲାଃ ଆଲୈହିମ୍ ଓ ଅଜ୍‌ମଇନ୍‌ଙ୍କ ବିଶ୍ୱାସ ବର୍ଦ୍ଧକ, ହୃଦୟସ୍ପର୍ଶକ ତଥା ମନମୁଗ୍ଧକର ଚର୍ଚ୍ଚା ।

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ସାହାବାଙ୍କ ଜୀବନୀ ଚର୍ଚ୍ଚା କରିବାରେ ଆଜି ମୁଁ ଆଉ ଦୁଇ ଜଣ ସାବାହାଙ୍କ (ଜୀବନୀ) ଚର୍ଚ୍ଚା କରିବି । ପ୍ରଥମ ହଜରତ ମୁନଜିର୍ ବିନ୍ ମହମ୍ମଦ ଅନ୍‌ସାରୀ । ତାଙ୍କର ସମ୍ପର୍କ କବିଲା ବନୁ ଜହ୍‌ଜବା ସହିତ ଥିଲା । ମଦିନା ଆସିବା ପରେ ହଜୁର ସ.ଆ ହଜରତ ମୁନଜିର୍ ବିନ୍ ମହମ୍ମଦ ଓ ତୁଫେଲ୍ ବିନ୍ ହାରିସ୍‌ଙ୍କ ମଧ୍ୟରେ ଭାତୃଭାବ ସ୍ଥାପନ କରାଇଥିଲେ । ଯେତେବେଳେ ହଜରତ ଯୁବେର୍ ବିନ୍ ଅୱାମ ହଜରତ ହାତିବ ବିନ୍ ଅବି ବଲତା ଓ ହଜରତ ଅବୁ ସିରତ୍ ବିନ୍ ଅବି ରୁହମ୍ ମକ୍କାରୁ ପ୍ରବାସନ କରି ମଦିନା ଆସିଲେ ସେତେବେଳେ ସେମାନେ ହଜରତ ମୁନଜିର୍ ବିନ୍ ମହମ୍ମଦଙ୍କ ଘରେ ରହିଥିଲେ । ହଜରତ ମୁନଜିର୍ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ୍ ଥିଲେ ଏବଂ ବଏରେ ମାଉନାର ଘଟଣାରେ ଶହିଦ୍ ହେଲେ । ଉକ୍ତ ଘଟଣା ଏପରି ଘଟିଥିଲା ଯେ, ହଜୁର ସ.ଆ ୪ ହିଜରୀରେ ମୁନଜିର୍ ବିନ୍ ଉମରୋ ଅନସାରୀଙ୍କ ନେତୃତ୍ୱରେ ସାହାବାଙ୍କ ଏକ ଦଳ ଇସଲାମୀୟ ଶିକ୍ଷା ସମ୍ବନ୍ଧରେ (ଲୋକମାନଙ୍କୁ) ଅବଗତ କରିବା ନିମନ୍ତେ ପ୍ରେରଣ କଲେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନସାରୀ ଥିଲେ ଏବଂ ସମସ୍ତେ ପବିତ୍ର କୋରାନ କଣ୍ଠସ୍ତ କରିଥିଲେ, ସେମାନଙ୍କ ସଂଖ୍ୟା ୭୦ ଥିଲା । ଯେତେବେଳେ ସେମାନେ ସେଠାରେ ପହଂଚିଲେ ଯାହାକି ଏକ କୂଅ ଯୋଗୁଁ ଉକ୍ତ ସ୍ଥାନଟି ବଏର୍ ମାଉନା ନାମରେ ପ୍ରସିଦ୍ଧ ଥିଲା । ସେମାନଙ୍କ ମଧ୍ୟରୁ ହରାମ ବିନ୍ ମାଲିକ୍ ଯେ କି ଅନସ୍ ବିନ୍ ମାଲିକ୍‌ଙ୍କ ମାମୁଁ ଥିଲେ ହଜୁର ସ.ଆଙ୍କ ନିକଟକୁ ଇସଲାମ ସ୍ୱୀକାର କରିବାର ନିମନ୍ତ୍ରଣ ବାର୍ତ୍ତା ନେଇ ଆମିର କବିଲାର ମୁଖିଆ ଏବଂ ଅବୁ ବରାଃ ଆମିରଙ୍କ ପୁତୁରା ଆମିର ବିନ୍ ତୁଫେଲ୍‌ଙ୍କ ନିକଟକୁ ଗଲେ ତାଙ୍କ ପଛରେ ଅନ୍ୟ ସାହାବାମାନେ ମଧ୍ୟ ଥିଲେ । ଯେତେବେଳେ ହରାମ ବିନ୍ ମଲହାନ୍ ହଜୁର ସ.ଆଙ୍କ ବାର୍ତାବହ ଭାବରେ ଆମିର ବିନ୍ ତୁଫେଲ୍ ଓ ତାଙ୍କ ସାଥିମାନଙ୍କ ନିକଟରେ ପହଂଚିଲେ ସେତେବେଳେ ସେମାନେ କପଟ ବିଶ୍ୱାସୀଙ୍କ ପରି ବେଶ ମର୍ଯ୍ୟାଦା ପ୍ରଦାନ କଲେ କିନ୍ତୁ ଯେତେବେଳେ ସେମାନେ ନିଶ୍ଚିନ୍ତ ହୋଇ ବସିଗଲେ ଓ ସେମାନଙ୍କୁ ଇସଲାମର ବାର୍ତା ସମ୍ବନ୍ଧରେ ଅବଗତ କଲେ ସେତେବେଳେ ସେମାନଙ୍କ ମଧ୍ୟରୁ କେତେକ ଖଳ ପ୍ରକୃତିର ବ୍ୟକ୍ତି ଜଣକୁ ଇଶାରା କଲେ ଏବଂ ସେ ଉକ୍ତ ନିଷ୍ପାପ ଓ ପବିତ୍ର ସାହାବିଙ୍କୁ ବର୍ଚ୍ଛା ମାରି ଶହିଦ୍ କରିଦେଲା ସେତେବେଳେ ହରାମ୍ ବିନ୍ ମଲହାନ୍‌ଙ୍କ ଓଠରୁ ଏହି ଶବ୍ଦ ଉଚ୍ଚାରିତ ଥିଲା **ଅଲ୍ଲାହୁ ଅକବର୍ ଫଜତ୍ ୱ ରବ୍‌ବେ କାବାଃ** ଅର୍ଥାତ ଅଲ୍ଲାଃ ହିଁ ସର୍ବଶ୍ରେଷ୍ଠ, କାବାର ସୃଷ୍ଟିକର୍ତାଙ୍କ ରାଣ ମୁଁ ନିଜ ଲକ୍ଷ ହାସଲ କରିନେଲି । ଆମିର ବିନ୍ ତୁଫେଲ୍ କେବଳ ହଜୁର ସ.ଆଙ୍କ ବାର୍ତାବହର ହତ୍ୟା କରିବାରେ ଅଟକିଯାଇ ନଥିଲା ବରଂ ବନୁ ସମିଲ୍ କବିଲାରୁ ବନୁ ରେଲ୍ ଓ ଜକୱାନ୍‌ଙ୍କୁ ସାଥିରେ ନେଇ ବାକି ନିରାଶ୍ରୟ ସାହାବାମାନଙ୍କ ଉପରେ ଆକ୍ରମଣ କରି ସମସ୍ତଙ୍କୁ ହତ୍ୟା କରିଦେଲା ସେମାନଙ୍କ ମଧ୍ୟରୁ କେବଳ ଜଣେ ବର୍ତୀ ଯାଇଥିଲେ ଯାହାଙ୍କ ନାମ କାବ୍ ବିନ୍ ଜୈଦ ଥିଲା । ସାହାବାଙ୍କ ଏହି ଜମାଅତର ମାତ୍ର ଦୁଇ ଜଣ ବ୍ୟକ୍ତି ହଜରତ ଉମରୋ ବିନ୍ ଅମିୟା ଯମରୀ ଓ ମୁନଜର୍ ବିନ୍ ମହମ୍ମଦ ଓଟମାନଙ୍କୁ ଚରାଇବା ନିମନ୍ତେ ଏଣେତେଣେ ଚାଲିଯାଇଥିଲେ । ଫେରିବା ପରେ ଏପରି ଦୃଶ୍ୟ ଦେଖି କହିଲେ ଯେଉଁ ସ୍ଥଳେ ଆମ ଅମିର ମୁନଜର୍ ବିନ୍ ଉମରୋ ଶହିଦ୍ ହୋଇଛନ୍ତି ସେହିଠାରେ ଆମେ ମଧ୍ୟ ଲଢିବୁ । ଏପରି ମୁନଜର ବିନ୍ ମହମ୍ମଦ ଓ ତାଙ୍କ ସାଥି ଶତ୍ରୁମାନଙ୍କ ସହ ଲଢି ଶହିଦ୍ ହେଲେ ।

ହଜୁର ଅନୱର ଅ.ବ କହିଲେ- ଦ୍ୱିତୀୟ ସାହାବି ହଜରତ ହାତିବ୍ ବିନ୍ ଅବି ବଲତା ଅଟନ୍ତି ତାଙ୍କ ସମ୍ପର୍କ ଲଖମ୍ କବିଲା ସହିତ ଥିଲା । ସେ ବନୁ ଅସଦ୍‌ଙ୍କ ବନ୍ଧୁ ଥିଲେ ତାଙ୍କ ସଂଜ୍ଞା ଅବୁ ଅବଦୁଲ୍ଲାଃ ଥିଲା ହଜରତ ହାତିବ୍ ବିନ୍ ଅବି ବଲତା ୟମନ ନିବାସୀ ଥିଲେ । ଯେତେବେଳେ ସେ ନିଜ କ୍ରୀତଦାସ ସାଦଙ୍କ ସହିତ ମକ୍କାରୁ ମଦିନା ପ୍ରବାସନ କଲେ ସେତେବେଳେ

